# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**02nd August - 2026**

************************************

*Desk*

## ନିଶାମୁକ୍ତ ଯୁବ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆଭାସୀ ମାଧ୍ୟମରେ ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ଅଭିଯାନର ଶୁଭାରମ୍ଭ କରିବେ । ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରାଇବାପାଇଁ ଦେଶବ୍ୟାପୀ ୧୦୦ ସପ୍ତାହ ବ୍ୟାପୀ ଜାତୀୟ ଜନଭାଗିଦାରୀ କାର୍ଯ୍ୟକ୍ରମର ଆୟୋଜନ କରାଯିବ । ଏହି କାର୍ଯ୍ୟକ୍ରମ ୧୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ଅନୁଷ୍ଠିତ ହେବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

*Desk*

## କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୬ଟି ବିଭାଗର ୧୧ଟି ପ୍ରସ୍ତାବକୁ ମଞ୍ଜୁରି ମିଳିଛି ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ-୨.୦ ପାଇଁ ୨ ହଜାର ୯୯୫ କୋଟି ଟଙ୍କା ମଞ୍ଜୁରି କରାଯାଇଛି । ସେହିଭଳି କୃଷି ଯନ୍ତ୍ରପାତି ଯୋଜନା ଅବଧିକୁ ଆହୁରି ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧିପାଇଁ ନିଷ୍ପତ୍ତି ହୋଇଛି ।

***Voice (Anu Garg)*** :......

ବୈଠକରେ ବୈତରଣୀ ନଦୀ ଉପରେ ଆନନ୍ଦପୁର ବ୍ୟାରେଜ୍ ଓ ବିତରଣ ପ୍ରଣାଳୀ ନିର୍ମାଣ ପାଇଁ ମଞ୍ଜୁରି ମିଳିଛି । ପାର୍ବତୀ ଗିରି ଉଠାଜଳସେଚନ ପ୍ରକଳ୍ପକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛି । ସେହିଭଳି ପି.ଭି.ଟି.ବି. ବର୍ଗଙ୍କ ଅଞ୍ଚଳରେ ମା' ମାନଙ୍କପାଇଁ ସ୍ୱାସ୍ଥ୍ୟ ପୋଷଣ କାର୍ଯ୍ୟକ୍ରମ ଓ ଶିଶୁଯତ୍ନ କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ବୈଠକରୁ ଜଣାପଡ଼ିଛି । ରାଜ୍ୟରେ ବ୍ୟବସାୟ ପ୍ରକ୍ରିୟାକୁ ଅଧିକ ସହଜ କରିବାପାଇଁ ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମ-୨୦୧୭ରେ ଆବଶ୍ୟକ ସଂଶୋଧନ ଆଣିବା ପ୍ରସ୍ତାବକୁ ମଞ୍ଜୁର କରାଯାଇଛି । ରାଜ୍ୟରେ ଅର୍ଥନୈତିକ ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ ଗଠନ ଲାଗି ୧୯୮୨ର ସଂଶୋଧନ ବିଲ୍, ଏବଂ ଓଡ଼ିଶା ରାଜ୍ୟ ବିଧିସେବା କ୍ୟାଡର୍ ନିୟମାବଳୀ-୨୦୨୬କୁ ମଧ୍ୟ ଅନୁମୋଦନ ମିଳିଛି । ରାଜ୍ୟର ସହରାଞ୍ଚଳରେ ରହୁଥିବା ଯୋଗ୍ୟ ପରିବାରକୁ ୨୦୨୯ ମସିହା ସୁଦ୍ଧା ସାର୍ବଜନୀନ ବାସଗୃହ ଯୋଗାଇବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ବନ୍ଧୁ ଯୋଜନାକୁ ମଞ୍ଜୁରି ମିଳିଛି ।

# ବନ୍ୟା

ଲଘୁଚାପଜନିତ ଲଗାଣ ବର୍ଷାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏହାଦ୍ୱାରା ୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ଆକଳନ କରାଯାଇଛି । ଇତିମଧ୍ୟରେ ୨ ଲକ୍ଷ ୬୯ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ତେବେ ବନ୍ୟାଜଳ ଧୀରେ ଧୀରେ ହ୍ରାସ ପାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ବନ୍ୟାପାଣି କମିବାର ତିନିଦିନ ମଧ୍ୟରେ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବନ୍ୟା ପରିସ୍ଥିତିର ସୁପରିଚାଳନା, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖପାଇଁ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କୁ ଦାୟିତ୍ୱ ଦିଆଯାଇଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ' ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ପରିସ୍ଥିତ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*IPR*

## ଏସ୍.ଆଇ.ଆର୍.

ଭାରତର ନିର୍ବାଚନ ଆୟୋଗ’ ରାଜ୍ୟରେ ଚାଲିଥିବା ଭୋଟର ତାଲିକା ସ୍ୱତନ୍ତ୍ର ସଂଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମ ଅଧୀନରେ ଚିଠା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲପାଇଁ ସମୟସୀମାକୁ ଅଗଷ୍ଟ ମାସ ୧୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର୍ ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟର୍‌ଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୁକ୍ତୀମୂଳକ କରିବା ଉଦ୍ଦେଶ୍ୟରେ ସମୟସୀମାକୁ ବୃଦ୍ଧି କରାଯାଇଛି ।

*Cuttack/R*

## ନିଖୋଜ ବ୍ୟକ୍ତି ଉଦ୍ଧାର

ଓଡ଼ିଶା ପୁଲିସ ଚଳିତ ବର୍ଷ ଜାନୁୟାରୀରୁ ଜୁନ୍ ମାସ ମଧ୍ୟରେ ୧୬ ହଜାର ୫୯୦ ଜଣ ନିଖୋଜ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି । ମହିଳା ଓ ଶିଶୁ ଅପରାଧ ଶାଖାର ତଦନ୍ତ, ଆନ୍ତଃରାଜ୍ୟ ସମନ୍ୱୟ ଯୋଗୁଁ ଏହି ସଫଳତା ମିଳିଥିବା ଜଣାପଡ଼ିଛି ।

*Nayagarh/R*

## ଇନୋଭେସନ ଷ୍ଟାର୍ଟଅପ୍

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଇନୋଭେସନ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପି.ପି.ଟି. ମାଧ୍ୟମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଛାତ୍ରଛାତ୍ରୀମାନଙ୍କୁ ଇନୋଭେସନ ଓ ଷ୍ଟାର୍ଟଅପ୍‌ର ବିଭିନ୍ନ ଦିଗ ଉପରେ ଅବଗତ କରାଇଥିଲେ ।

***Desk***

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୩୯କୁ ବୃଦ୍ଧି ପାଇଛି । ସେଥିରେ ୧୩ଟି ସ୍ୱର୍ଣ୍ଣ, ୧୭ଟି ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ ରହିଛି । ପ୍ରତିଯୋଗିତାର ଦଶମ ଦିନରେ ଗତକାଲି ଭାରତ ୧୬ଟି ପଦକ ହାସଲ କରିଛି । ପଦକ ତାଲିକାରେ ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି । ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ଭାରତ ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ୭ଟି ସ୍ୱର୍ଣ୍ଣ ଏବଂ ୩ଟି ରୌପ୍ୟପଦକ ହାସଲ କରିଛି ।

*****